# NATIONAL NEWS BULLETIN (ODIA)

## 5 September - 2025

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଦେଶ ବ୍ୟାପି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଲୋକଙ୍କ ଦୃଢ଼ ମନୋବଳକୁ ରାଷ୍ଟ୍ରପତିଙ୍କ ପ୍ରଶଂସା ।
- ଆମେରିକାର ୫୦ ପ୍ରତିଶତ ଶୁଳ୍କ ଦ୍ୱାରା ପ୍ରଭାବିତ ଭାରତର ରପ୍ତାନୀକାରୀଙ୍କୁ ସହାୟତା ଯୋଗାଇଦେବା ଲାଗି ଆବଶ୍ୟକ ପଦକ୍ଷେପ ନେଉଛନ୍ତି ସରକାର, କହିଲେ ଅର୍ଥମନ୍ତ୍ରୀ ।
- ମରିସସ୍ ପ୍ରଧାନମନ୍ତ୍ରୀ ଆସନ୍ତା ୯ ତାରିଖରୁ ୮ ଦିନିଆ ସରକାରୀ ଗସ୍ତରେ ଆସୁଛନ୍ତି ଭାରତ, ବୈଦେଶିକ ମନ୍ତ୍ରଣାଳୟର ସୂଚନା ।
- ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅଙ୍ଗିକାର–୨୦୨୫ ଅଭିଯାନର ଆଜି ହେଲା ଶୁଭାରମ୍ଭ ।

ଏବଂ

- ୟୁଏସ୍ ଓପନ୍ ଟେନିସ୍ ଚାମ୍ପିୟାନ୍‌ସିପ୍‌ର ମହିଳା ସିଙ୍ଗଲ୍ସ ଫାଇନାଲ୍‌ରେ ଆସନ୍ତାକାଲି ଆନି ସିମୋଭା ଓ ଆରିନା ସାବାଲେଙ୍କାଙ୍କ ମଧ୍ୟରେ ହେବ ମୁକାବିଲା ।

## ପ୍ରେଜ୍-ଫ୍ଲଡ୍

ଦେଶ ବ୍ୟାପି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଲୋକଙ୍କର ଦୃଢ଼ ମନୋବଳକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି କହିଛନ୍ତି, ଚଳିତ ବର୍ଷ ମୌସୁମୀ ସମୟରେ ଦେଶରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟ ସଂପର୍କିତ ଖବରଗୁଡ଼ିକ ଶୁଣି ସେ ଗଭୀର ମର୍ମାହତ ହୋଇଛନ୍ତି । ବିଶେଷ କରି ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଜାମ୍ମୁ କାଶ୍ମୀର, ପଞ୍ଜାବ, ଆସାମ ଏବଂ ଅନ୍ୟାନ୍ୟ ରାଜ୍ୟରେ ବାଦଲଫଟା ବର୍ଷା, ଭୂସ୍ଖଳନ ତଥା ବନ୍ୟା ଯୋଗୁଁ ଅନେକ ଧନଜୀବନ ହାନୀ ହୋଇଛି । ଏହି ସଂକଟମୟ ପରିସ୍ଥିତିରେ ସମଗ୍ର ଦେଶବାସୀ ବିପର୍ଯ୍ୟୟ ପ୍ରଭାବିତ ଜନସାଧାରଣଙ୍କ ଦୁଃଖ ଭାଗ କରିବା ସହିତ ସେମାନେ ସମ୍ମୁଖୀନ ହୋଇଥିବା ଆହ୍ୱାନକୁ ସଫଳତାର ସହ ଲାଘବ କରିବା ଦିଗରେ ଦୃଢ଼ ଭାବେ ତାଙ୍କ ସହିତ ଛିଡ଼ା ହୋଇଛନ୍ତି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି ।

## ସୀତାରମଣ

ଯୁକ୍ତରାଷ୍ଟ୍ର ଆମେରିକାର ୫୦ ପ୍ରତିଶତ ଶୁଳ୍କ ଦ୍ୱାରା ପ୍ରଭାବିତ ଭାରତର ରପ୍ତାନୀକାରୀଙ୍କୁ ସହାୟତା ଯୋଗାଇଦେବା ଲାଗି ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ଏକ ଘରୋଇ ସମ୍ବାଦ ଚ୍ୟାନେଲ୍ ସହ ସାକ୍ଷାତକାର ଦେଇ ଶ୍ରୀମତୀ ସୀତାରମଣ କହିଛନ୍ତି, ସମ୍ପୃକ୍ତ ରପ୍ତାନୀକାରୀଙ୍କ ଲାଗି ଏକ ସ୍ୱତନ୍ତ୍ର ପ୍ୟାକେଜ୍ ସରକାର ପ୍ରସ୍ତୁତ କରୁଛନ୍ତି । କେବଳ ଦେଶରେ ପ୍ରତ୍ୟେକ ଜିନିଷ ଉତ୍ପାଦନ କରିବା ଦ୍ୱାରା ଆତ୍ମନିର୍ଭର ଭାରତ ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ ବରଂ ବର୍ତ୍ତମାନର ଅନିଶ୍ଚିତ ବୈଶ୍ୱିକ ବାଣିଜ୍ୟ ନୀତିକୁ ଦୃଷ୍ଟିରେ ରଖି ଆତ୍ମସମ୍ମାନ ବଜାୟ ରଖି ବ୍ୟବସାୟ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବା ଦ୍ୱାରା ହିଁ ଆମେ ଲକ୍ଷ୍ୟ ହାସଲ କରିପାରିବା ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

## ଗୋୟଲ-ବିଜେପି

ବରିଷ୍ଠ ବିଜେପି ନେତା ତଥା ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାରକୁ ଏକ ଐତିହାସିକ ତଥା ସମନ୍ୱିତ ପଦକ୍ଷେପ ଭାବେ ଅଭିହିତ କରିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଗୋୟଲ କହିଛନ୍ତି,

ଏହାଦ୍ୱାରା ଦେଶର ଉପଭୋକ୍ତାଙ୍କୁ ଉଲ୍ଲେଖନୀୟ ସୁବିଧା ମିଳିବାକୁ ଥିବା ବେଳେ ବ୍ୟବସାୟ ପ୍ରକ୍ରିୟାକୁ ଅଧିକ ସରଳୀକରଣ କରାଯାଇ ପାରିବ । ଆସନ୍ତା ୨୨ ତାରିଖ ଦିନ ମା’ ଦୁର୍ଗାଙ୍କର ନବରାତ୍ରିର ପ୍ରଥମ ଦିନ ଅବସରରେ କୃଷକ, ଯୁବବର୍ଗ, ମହିଳା, ଏମ୍.ଏସ୍.ଏମ୍.ଓ., ଉପଭୋକ୍ତା ଏବଂ ଉଦ୍ୟୋଗୀଙ୍କ ସମେତ ଦେଶର ପ୍ରତିବର୍ଗର ଲୋକଙ୍କୁ ଏହା ସରକାରଙ୍କ ଉପହାର ବୋଲି ଶ୍ରୀ ଗୋୟଲ କହିଛନ୍ତି ।

## ମନୋହର ଲାଲ-ଅଙ୍ଗୀକାର

ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହରଲାଲ ଆଜି ଅଙ୍ଗିକାର–୨୦୨୫ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଦେଶ ବ୍ୟାପି ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନା ସମ୍ପର୍କରେ ଜନସଚେତନା ସୃଷ୍ଟି କରିବା ସହିତ ଏହାର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ହେଉଛି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଏହାଛଡ଼ା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳ **ଟୁ ପଏଣ୍ଟ ଜିରୋ** ଅଧୀନରେ ଆବେଦନଗୁଡ଼ିକୁ ତ୍ୱରାନ୍ୱିତ ଭିତ୍ତିରେ ଯାଞ୍ଚ କରିବା ଏବଂ ମଞ୍ଜୁର କରାଯାଇଥିବା ଗୃହ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ କରିବା ଲାଗି ଏହି ଅଭିଯାନ ମାଧ୍ୟମରେ ପଦକ୍ଷେପ ନିଆଯିବ । ଏହି ଯୋଜନାରେ ୧ କୋଟି ୨୦ ଲକ୍ଷ ଘର ନିର୍ମାଣ ଲାଗି ମଞ୍ଜୁରୀ କରାଯାଇଥିବା ବେଳେ ୯୪ ଲକ୍ଷରୁ ଊର୍ଦ୍ଧ୍ୱ ପକ୍କା ଘର ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରାଯାଇ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି ।

ଅଙ୍ଗିକାର ଅଭିଯାନ ଅବଶିଷ୍ଟ ବାସଗୃହ ଶେଷ କରିବା ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି ।

# ଏମ୍‌ଓଏ-ବ୍ରିଫିଂ

ମରିସସ୍‌ର ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମ୍‌ଗୁଲାମ୍ ଆସନ୍ତା ୯ ତାରିଖରୁ ଏକ ସରକାରୀ ଗସ୍ତରେ ଭାରତ ଆସୁଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଚଳିତ ଥର ମରିସସ୍‌ର ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ରାମ୍‌ଗୁଲାମ୍ ପ୍ରଥମ ଉପସାଗରୀୟ ଦ୍ୱିପକ୍ଷିୟ ଗସ୍ତରେ ଭାରତ ଆସୁଛନ୍ତି । ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଭାରତ ଗସ୍ତ ଅବସରରେ ଶ୍ରୀ ରାମ୍‌ଗୁଲାମ୍ ନୂଆଦିଲ୍ଲୀ ବ୍ୟତୀତ ମୁମ୍ବାଇ, ବାରାଣାସୀ, ଅଯୋଧ୍ୟା ଓ ତୀରୁପତି ଗସ୍ତ କରିବେ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

ଭାରତୀୟଙ୍କ ବିପକ୍ଷରେ ଅଷ୍ଟ୍ରେଲିଆର କେତେକ ସ୍ଥାନରେ କରାଯାଇଥିବା ପ୍ରତିବାଦ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଜୟସ୍ୱାଲ କହିଛନ୍ତି, ଗତ ମାସ ୩୧ ତାରିଖରେ ଅଷ୍ଟ୍ରେଲିଆର ବିଭିନ୍ନ ସହରରେ ପ୍ରବାସୀ ବିରୋଧୀ ପ୍ରଦର୍ଶନ କରାଯାଇଛି । ତେବେ ସେଠାରେ ଅବସ୍ଥାପିତ

ଭାରତୀୟ ଉଚ୍ଚାୟୁକ୍ତ ଏବଂ ବାଣିଜ୍ୟିକ ଦୂତାବାସ ପକ୍ଷରୁ ଅଷ୍ଟ୍ରେଲିଆ ସରକାର ଓ ଭାରତୀୟ ସମ୍ପ୍ରଦାୟଙ୍କ ସହିତ ଘଟଣା ସମ୍ପର୍କରେ ନିୟମିତ ଯୋଗାଯୋଗ ରଖାଯାଇଛି । ଶ୍ରୀ ଜୟସ୍ୱାଲ କହିଛନ୍ତି, ଉଭୟ ସରକାର ଏବଂ ବିରୋଧୀ ପକ୍ଷର ରାଜନୈତିକ ନେତୃବୃନ୍ଦ ଅଷ୍ଟ୍ରେଲିଆର ବିବିଧ ପରିଚୟକୁ ସମର୍ଥନ କରି ବିବୃତିମାନ ଦେଇଛନ୍ତି ।

ଭାରତ-ଆମେରିକା ସମ୍ପର୍କକୁ ନେଇ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଜୟସ୍ୱାଲ କହିଛନ୍ତି, ଦୁଇ ଦେଶ ମଧ୍ୟରେ ଏକ ସମନ୍ୱିତ ବୈଶ୍ୱିକ ରଣନୀତି ଭାଗିଦାରୀ ରହିଛି । ଆପୋଷ ସ୍ୱାର୍ଥ, ଗଣତାନ୍ତ୍ରିକ ମୂଲ୍ୟବୋଧ ତଥା ଜନସମ୍ପର୍କକୁ ଅଧିକ ସଶକ୍ତ କରିବା ଦିଗରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଆଗେଇ ନେବାରେ ଭାରତ ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ସମ୍ପ୍ରତି ଆଲାସ୍କା ଠାରେ ବର୍ତ୍ତମାନ ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଏକ ସଂଯୁକ୍ତ ସାମରିକ ଅଭ୍ୟାସ ଜାରି ରହିଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

**V/O-1-RANDHIR-JAISAWAL-ON-US-RELATION**

ୟୁକ୍ରେନ୍ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଜୟସ୍ୱାଲ କହିଛନ୍ତି, ୟୁକ୍ରେନ୍‌ରେ ଶାନ୍ତି ପ୍ରତିଷ୍ଠା ଦିଗରେ ନିଆଯାଉଥିବା ସମସ୍ତ ପଦକ୍ଷେପକୁ ଭାରତ ସ୍ୱାଗତ କରେ । ଏ ଦିଗରେ ସମସ୍ତ ପକ୍ଷ ଏକ ସକାରାତ୍ମକ ମନୋଭାବ ନେଇ ଆଗେଇ ଯିବେ ବୋଲି ନୂଆଦିଲ୍ଲୀ ଆଶାବ୍ୟକ୍ତ କରିଛି । ୟୁକ୍ରେନ୍ ସମସ୍ୟାର ଯଥାଶୀଘ୍ର ସମାଧାନ ହେବା

ସହିତ ଶାନ୍ତି ପ୍ରତିଷ୍ଠା ଦିଗରେ ଭାରତର ସମର୍ଥନ ଜାରି ରହିଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

**V/O-2-RANDHEER-JAISWAL-ON-UKRAINE**

# ପଞ୍ଜାବ ଫ୍ଲଡ୍

କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ପଞ୍ଜାବ ବନ୍ୟା କ୍ଷୟକ୍ଷତି ସମ୍ପର୍କିତ ଏକ ବିସ୍ତୃତ ରିପୋର୍ଟ ଖୁବ୍ ଶୀଘ୍ର ସେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାଖଲ କରିବେ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଚୌହାନ କହିଛନ୍ତି, ଯଦିଓ ପଞ୍ଜାବରେ ପରିସ୍ଥିତି ଅନେକ ଗମ୍ଭୀର ରହିଛି ତେବେ ଏହାକୁ ସ୍ୱଭାବିକ କରିବା ଦିଗରେ କେନ୍ଦ୍ର ସରକାର ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ । ଗତକାଲି ଦିନିକିଆ ପଞ୍ଜାବ ଗସ୍ତ କରି ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରିବା ପରେ ଶ୍ରୀ ଚୌହାନ ସମ୍ପୃକ୍ତ ଅଞ୍ଚଳରେ ପୁନରୁଦ୍ଧାର ନିମନ୍ତେ କ୍ଷୁଦ୍ର, ମଧ୍ୟମ ତଥା ଦୀର୍ଘସୂତ୍ରୀ ଯୋଜନା କାର୍ଯ୍ୟକାରି କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ବେଆଇନ୍ ଖଣି ଖନନ ଯୋଗୁଁ ସୁତଲେଜ୍, ବିଜ୍, ରବି ଓ ଘାଗାର୍ ନଦୀ ଗୁଡ଼ିକର ନିକଟବର୍ତ୍ତୀ ଅଞ୍ଚଳ ଦୁର୍ବଳ ହୋଇଯିବାରୁ ନିକଟସ୍ଥ ଗ୍ରାମ ଗୁଡ଼ିକରେ ପାଣି ପ୍ରବେଶ କରିଛି ବୋଲି ଶ୍ରୀ ଚୌହାନ ଅଭିଯୋଗ କରିଛନ୍ତି । ତେବେ ରାଜ୍ୟ ସରକାର ଏହାର ଗୁରୁତ୍ୱକୁ ଉପଲବ୍ଧ କରି ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି । ତେବେ

କେନ୍ଦ୍ର ସରକାର ଭବିଷ୍ୟତରେ ପଞ୍ଜାବରେ ଏଭଳି ସ୍ଥିତି ନ ଆସିବା ଲାଗି ରାଜ୍ୟକୁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରସ୍ତୁତ ବୋଲି କୃଷି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

## ୟୁଏସ୍ ଓପନ୍

ୟୁଏସ୍ ଓପନ୍ ଟେନିସ୍‌ର ମହିଳା ସିଙ୍ଗଲ୍ସ ଫାଇନାଲ୍‌କୁ ଆମେରିକାର ଅମନ୍ଦା ଆନିସିମୋଭା ଉନ୍ନୀତ ହୋଇଛନ୍ତି । ଆଜି ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ୍‌ରେ ଆନି ସିମୋଭା ନାଓମି ଓସାକାଙ୍କୁ ୬-୭, ୭-୬ ଓ ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି । ଏହି ବର୍ଗର ପ୍ରଥମ ସେମିଫାଇନାଲ୍‌ରେ ବେଲାରୁଷର ଆରିନା ସାବାଲେଙ୍କା ଆମେରିକା ଜେସିକା ପେଗୁଲାଙ୍କୁ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିସାରିଛନ୍ତି । ଫାଇନାଲ୍‌ରେ ଆନି ସିମୋଭା ଓ ପୂର୍ବ ବର୍ଷର ଚାମ୍ପିୟାନ୍ ସାବାଲେଙ୍କାଙ୍କ ମଧ୍ୟରେ ମୁକାବିଲା ହେବ ।

ପୁରୁଷ ସିଙ୍ଗଲ୍ସ ବର୍ଗର ସେମିଫାଇନାଲ୍‌ରେ ବିଶ୍ୱର ଏକ ନମ୍ବର ତଥା ପୂର୍ବବର୍ଷର ଚାମ୍ପିୟାନ୍ ଇଟାଲୀର ଜାନିକ୍ସ ସିନର୍ କାନାଡ଼ାର ଫେଲିକ୍ସ ଅଗର-ଆଲିଆସିମ୍‌ଙ୍କୁ ଭେଟିବାକୁ ଥିବାବେଳେ ଅନ୍ୟ ଏକ ମ୍ୟାଚ୍‌ରେ ସ୍ପେନ୍‌ର କାର୍ଲୋସ୍ ଆଲକାରାଜ ଓ ସର୍ବିୟାର ନୋଭାକ୍ ଜୋକୋଭିକ୍‌ଙ୍କ ମଧ୍ୟରେ ମୁକବିଲା ହେବ ।

ଅନ୍ୟ ପକ୍ଷରେ ପୁରୁଷ ଡବଲ୍ସ ବର୍ଗରେ ଭାରତର ୟୁକି ଭାମ୍ବ୍ରି ଓ ତାଙ୍କର ନ୍ୟୁଜିଲାଣ୍ଡ ଯୋଡ଼ି ମାଇକେଲ୍ ଭେନସ୍ ସେମିଫାଇନାଲ୍‌ରେ ବ୍ରିଟିଶ୍ ଯୋଡ଼ି ନିଲ୍ କୁପ୍‌ସ୍କି ଓ ଜୋ ସାଲିସ୍‌ବୋରୀଙ୍କ ଠାରୁ ୭-୬, ୬-୭, ୪-୬ ସେଟ୍‌ରେ ହାରିଯାଇଛନ୍ତି ।

## ହକି

ବିହାରର ରାଜଗିରି ଠାରେ ଚାଲିଥିବା ପୁରୁଷ ଏସିଆ କପ୍ ଚାମ୍ପିୟାନ୍‌ସିପ୍‌ର ସୁପର ଫୋର୍ ପର୍ଯ୍ୟାୟରେ ଆସନ୍ତାକାଲି ଭାରତ’ ଚୀନ୍‌କୁ ଭେଟିବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ରାଜଗିରି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଖେଳାଯିବ । ଏ ପର୍ଯ୍ୟନ୍ତ ଭାରତୀୟ ଦଳ ସୁପର ଫୋର୍ ପର୍ଯ୍ୟାୟରେ ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ଅନ୍ୟଟି ଡ୍ର’ ରଖିଛି । ମୋଟ୍ ୪ ପଏଣ୍ଟ ପାଇ ଭାରତ ପଏଣ୍ଟ ତାଲିକାର ଶୀର୍ଷରେ ରହିଛି । ଏହା ପଛକୁ ୩ ପଏଣ୍ଟ ସହିତ ମାଲେସିଆ ଓ ଚୀନ୍ ଥିବା ବେଳେ କୋରିଆ ୧ ପଏଣ୍ଟ ପାଇ ସର୍ବନିମ୍ନରେ ରହିଛି ।

ଆସନ୍ତାକାଲି ଏହି ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ଅପରାହ୍ଣ ୫ଟାରେ କୋରିଆ ଓ ମାଲେସିଆ ମଧ୍ୟରେ ମୁକାବିଲା ହେବ । ଏହାଛଡ଼ା ଏହି ଚାମ୍ପିୟାନ୍‌ସିପ୍‌ର ପଞ୍ଚମରୁ ଅଷ୍ଟମ ସ୍ଥାନ ମଧ୍ୟରେ ସ୍ଥାନିତ ହେବା ଲାଗି

ଆସନ୍ତାକାଲି ଅପରାହ୍ଣରେ ଚାଇନିସ୍ ତାଇପେଇ’ କାଜାଖସ୍ତାନକୁ ଭେଟିବ ।